


Scanned by TapScanner

ଓଁ

# ସଦ୍‌ଗୁଣ ହିଁ ମୁମୁକ୍ଷୁ ପାଇଁ ସତ୍‌ମାର୍ଗ

ବିବେକ ଲାଭ କରିବା ପାଇଁ ଅନ୍ୟ ସବୁ ଯୁଗ ଅପେକ୍ଷା ଏଇ କଳିଯୁଗରେ ବହୁ ଅଧିକ ପନ୍ଥା ରହିଛି । ତୁମେ ଯଦି ବିଦ୍ୟା ଚାହଁ, ତେବେ ସେଥିପାଇଁ ବହୁ ସ୍କୁଲ କଲେଜ ଅଛି, ଯଦି ତୁମେ ଧନ ଚାହଁ, ତେବେ ସେଥିପାଇଁ ଅନେକ ରାସ୍ତା ଅଛି, ଆଉ ସେ ରାସ୍ତାରେ ଉଦ୍ୟମ କରି ତୁମେ ସମ୍ମାନଜନକ ଭାବରେ ଧନ ରୋଜଗାର କରିପାରିବ । ମାତ୍ର ଏହା ସତ୍ତ୍ୱେ ମଣିଷର ସୁଖ ଶାନ୍ତି ବଢୁନାହିଁ । ପ୍ରକୃତରେ ଅନ୍ୟ ସମସ୍ତ ଯୁଗ ଅପେକ୍ଷା ଏଇ ଯୁଗରେ ହିଁ ମଣିଷର ଦୁଃଖ, ଦୁର୍ଦ୍ଦଶା ବହୁତ ଅଧିକ ।

ଏହାର କାରଣ କ'ଣ ? କାରଣ ରହିଛି ମଣିଷର ଆଚରଣରେ, ମଣିଷର ଜୀବନୋପାୟରେ । ମଣିଷ ଜୀବନ ଯେ ଜଗତର ବିବର୍ତ୍ତନରେ ସର୍ବଶ୍ରେଷ୍ଠ, ଏଥିରେ ସନ୍ଦେହ ନାହିଁ । ତେଣୁ ଏ ଜୀବନକୁ ସାର୍ଥକ କରିବା ନିମନ୍ତେ ପବିତ୍ର ଓ ଶୁଦ୍ଧ ଆଧ୍ୟାତ୍ମିକ ସାଧନା ଏକାନ୍ତ ଆବଶ୍ୟକ । ଜୀବନକୁ ସାର୍ଥକ କରିବାକୁ ସବୁଠୁଁ ବେଶୀ ଆବଶ୍ୟକ ହେଲା ଉତ୍ତମ ଚରିତ୍ର । ଚରିତ୍ର ହିଁ ଜୀବନକୁ ଅମର କରେ, ମଣିଷର ମୃତ୍ୟୁ ପରେ ମଧ୍ୟ ତାହା ଅମର ରହେ । କେତେକ କହନ୍ତି ଜ୍ଞାନ ହିଁ ଶକ୍ତି । ମାତ୍ର ଏହା ଠିକ୍ ନୁହେଁ । ପ୍ରକୃତରେ ଚରିତ୍ର ହିଁ ଶକ୍ତି । ଜ୍ଞାନଲାଭ କରିବାକୁ ହେଲେ ମଧ୍ୟ ଉତ୍ତମ ଚରିତ୍ର ଆବଶ୍ୟକ । ତେଣୁ ତୁମେ ପ୍ରତ୍ୟେକେ ନିଷ୍କଳଙ୍କ ଚରିତ୍ରର ଅଧିକାରୀ ହେବା ନିମନ୍ତେ ଆକୁଳତା ପ୍ରକାଶ କରିବା ଉଚିତ । ଚରିତ୍ରରେ ଲେଶମାତ୍ର ଦୋଷ ରହିବା ଉଚିତ ନୁହେଁ ।

ବୁଦ୍ଧ, ଯୀଶୁଖ୍ରୀଷ୍ଟ, ଶଙ୍କରାଚାର୍ଯ୍ୟ, ବିବେକାନନ୍ଦ ଆଦି ଅସଂଖ୍ୟ ସିଦ୍ଧସାଧକ ଓ ଈଶ୍ୱରଭକ୍ତ ବ୍ୟକ୍ତିମାନେ ଆଜି ପର୍ଯ୍ୟନ୍ତ ମନୁଷ୍ୟର ସ୍ମୃତିରାଜ୍ୟରେ ସଂରକ୍ଷିତ ହୋଇ ରହିଛନ୍ତି । କେଉଁ ଗୁଣ ଯୋଗୁ ଲୋକେ ସେମାନଙ୍କୁ ସବୁଦିନ ପାଇଁ ମନେ ରଖିବେ ? ତାହା ହେଲା ଉତ୍ତମ ଚରିତ୍ର ।

ଚରିତ୍ର ବିନା ସବୁ ବିଭବ, ଶିକ୍ଷା, ସାମାଜିକ ପ୍ରତିଷ୍ଠା ଅକାରଣ ହୋଇଯାଏ । ଫୁଲର ମହକ ହିଁ ଫୁଲର ମୂଲ୍ୟ । କବି, ଚିତ୍ରକର, କଳାକାର ବା ବୈଜ୍ଞାନିକ ନିଜ ନିଜ କ୍ଷେତ୍ରରେ ବଡ଼ ହୋଇପାରନ୍ତି, ମାତ୍ର ଉତ୍ତମ ଚରିତ୍ର ନଥିଲେ ସମାଜରେ ସେମାନଙ୍କର ସ୍ଥିତି ରହେ ନାହିଁ ।

ଅବଶ୍ୟ ଏ ବିଷୟରେ ତୁମ ମନରେ ସନ୍ଦେହ ଆସିପାରେ । ତୁମେ ପଚାରିପାର ଜୀବନରେ ବଡ଼ ହେବା ନିମନ୍ତେ ଯେଉଁ ଚରିତ୍ରବତ୍ତା ଏକାନ୍ତ ଆବଶ୍ୟକ ବୋଲି ମୁଁ କହୁଛି, ଆଜିର ସମାଜ ଆଖିରେ ସମ୍ମାନନୀୟ ଓ ପ୍ରତିଷ୍ଠାବାନ୍ ବ୍ୟକ୍ତିମାନଙ୍କର କ'ଣ

Scanned by TapScanner

ସେଇ ଚରିତ୍ରବତ୍ତା ଅଛି ? ମାତ୍ର ମୁଁ ଏପରି ଗୋଟିଏ ସମାଜ ଓ ଚରିତ୍ରର କଥା କହୁଛି, ଯାହା ସର୍ବଦା କେତେଗୁଡ଼ିଏ ଅପରିବର୍ତ୍ତନୀୟ ମୂଲ୍ୟବୋଧ ସହ ସଂଲଗ୍ନ ଥାଏ । ସାଧାରଣତଃ କେତେଗୁଡ଼ିଏ ଗୁଣ ବା ମୂଲ୍ୟବୋଧ ପ୍ରତି ସମାଜ ଦିନକୁ ଦିନ ପରିବର୍ତ୍ତନଶୀଳ ବିବିଧ ବିଚାରଧାରା ପ୍ରକାଶ କରିଥାଏ, ଆଉ ସମାଜର ଏଇ ଅସ୍ଥିର ବିଚାରଧାରା ଅନୁସାରେ ମଣିଷର ଚାରିତ୍ରିକ ରୁଚି ମଧ୍ୟ ନିୟନ୍ତ୍ରିତ ହୋଇଥାଏ; ମାତ୍ର ଗୋଟିଏ ନିର୍ଦ୍ଦୋଷ ଚରିତ୍ରର ମୂଳ ସ୍ୱଭାବ ଶାଶ୍ୱତ; ସମାଜର ସମସ୍ତ ପରିବର୍ତ୍ତନ ମଧ୍ୟରେ ତାହା ଅପରିବର୍ତ୍ତିତ ରହେ । ଏଇ ଦୃଷ୍ଟିରୁ ଅମର ଆତ୍ମା ସହ ସଂଯୁକ୍ତ ହୋଇ ଏହି ଚରିତ୍ର ମଧ୍ୟ ଅମର ହୋଇଯାଏ ।

ନିଷ୍କଳଙ୍କ ଚରିତ୍ରର କେତୋଟି ଗୁଣ ହେଲା ପ୍ରେମ, ଧୈର୍ଯ୍ୟ, ସ୍ଥିରତା, ସହିଷ୍ଣୁତା ଏବଂ ଉଦାରତା । ଏଗୁଡ଼ିକ ଶ୍ରେଷ୍ଠଗୁଣ ଏବଂ ଏହାକୁ ଅଭ୍ୟାସ କରିବା ଦରକାର ।

ପ୍ରତିଦିନ ଆମେ ଯେଉଁସବୁ ଛୋଟ ଛୋଟ ଅସଂଖ୍ୟ କାମ କରୁ ସେଗୁଡ଼ିକ ଦୃଢ଼ ଅଭ୍ୟାସରେ ପରିଣତ ହୁଏ; ଏଇ ଅଭ୍ୟାସଗୁଡ଼ିକରୁ ଆମର ବୁଦ୍ଧି ଓ ଜୀବନଦୃଷ୍ଟି ଗଢ଼ା ହୁଏ । କଳ୍ପନାରେ ଆମେ ଯାହାସବୁ ତିଆରି କରୁ, ଆଦର୍ଶରେ ଯାହା ଅନ୍ୱେଷଣ କରୁ ଏବଂ ଆମର ଆଶା ଆକାଂକ୍ଷାରେ ଯେଉଁ ଆକୁଳତା ରୂପ ନିଏ, ସେସବୁ ମନରେ ଅଲିଭା ଦାଗ ରଖିଯାଏ । ଏସବୁ ବିକୃତ ହେଲେ ବିକୃତ ହୋଇଯାଏ ଆମର ଜ୍ଞାନ, ସ୍ୱଭାବ, ଆମ ଚାରିପାଖର ସଂସାରର ଚିତ୍ର । ଶେଷରେ ଆମେ ଏଇ ବିକୃତ ଚିତ୍ରଠାରେ ହିଁ ଆସକ୍ତ ହୋଇପଡୁ ।

ମଣିଷର ବର୍ତ୍ତମାନ ଅତୀତରେ ଗଢ଼ା ହୋଇଥିବା ତା'ର ଅଭ୍ୟାସଗୁଡ଼ିକର କେବଳ ପରିଣତି ମାତ୍ର । ବର୍ତ୍ତମାନର ଚରିତ୍ର ଯାହା ହେଉନା କାହିଁକି ଚିନ୍ତା ଓ କଳ୍ପନାର ଅଭ୍ୟସ୍ତ ରୀତିରେ ସଂସ୍କାର ଆଣିପାରିଲେ ତା'ର ଚରିତ୍ର ମଧ୍ୟ ସଂଶୋଧିତ ହୋଇଯିବ ।

ଏମିତି କୌଣସି ଦୁଷ୍ଟ ଲୋକ ନାହିଁ, ଯାହାର ଦୁର୍ଗୁଣକୁ ସଂଶୋଧନ କରି ନହେବ । ଡାକୟତ ଅଙ୍ଗୁଳିମାଳାକୁ ତ ବୁଦ୍ଧ ଜଣେ ଅତି ଦୟାବାନ ସାଧୁ ଲୋକ କରିପାରିଥିଲେ । ଆଉ ଦସ୍ୟୁ ରତ୍ନାକର ହେଲା ମହର୍ଷି ବାଲ୍ମୀକି । ବାରମ୍ବାର ଅଭ୍ୟାସ କଲେ କର୍ମ ବଦଳିଯିବ, ଚରିତ୍ର ଶୁଦ୍ଧ ହୋଇଯିବ । ମଣିଷ ଭିତରେ ତା'ର ହାତମୁଠାରେ ସବୁବେଳେ ଅଛି ଅନେକ ଶକ୍ତି, ଯାହା ବଳରେ ସେ ନିଜ ଭିତରର ସବୁ ଦୁଷ୍ଟ ପ୍ରବୃତ୍ତି ସହ ଯୁଦ୍ଧ ଘୋଷଣା କରିପାରେ ଏବଂ ସକଳ ମନ୍ଦ ଅଭ୍ୟାସର ରୂପାନ୍ତର ଆଣିପାରେ । ନିଃସ୍ୱାର୍ଥ ସେବା, ସନ୍ନ୍ୟାସ, ଭକ୍ତି, ପ୍ରାର୍ଥନା ଓ ବିଚାର ଦ୍ୱାରା ମଣିଷକୁ ଏ ସଂସାର ସହ ବାନ୍ଧି ରଖିଥିବା ସବୁ ପୁରାତନ ଅଭ୍ୟାସ ପରିହାର କରି ଦିବ୍ୟପଥର ଯାତ୍ରୀ ହେବାର ନୂତନ ଅଭ୍ୟାସ ଆହରଣ କରାଯାଇ ପାରିବ ।

Scanned by TapScanner

ସମସ୍ତ ଆଧ୍ୟାତ୍ମିକ ସାହିତ୍ୟ, କାବ୍ୟକବିତା, ପୁସ୍ତକ ଓ ପତ୍ରପତ୍ରିକାଗୁଡ଼ିକର ଉଦ୍ଦେଶ୍ୟ ହେଲା, ଚରିତ୍ରର ସ୍ୱଭାବ, ଧର୍ମ, ଅସ୍ଥିର ବିଷୟରେ ତୁମକୁ ଅବଗତ କରାଇ ତାହାକୁ କିପରି ସଂଶୋଧନ କରିହେବ, ତାହା ଉପରେ ଆଲୋକପାତ କରିବା । ମାତ୍ର ଖାଲି ବହିଟିଏ ବା ପତ୍ରିକାଟିଏ ପଢ଼ିଦେଲେ ଯେ ତୁମେ ବିବେକୀ ହୋଇଯିବ, ତାହା ନୁହେଁ । ଯାହା ଦେଖୁଛ, ଶୁଣୁଛ ବା ପଢୁଛ ତାକୁ ସବୁ ବାସ୍ତବ ଜୀବନରେ ରୂପାୟିତ କରିବାକୁ ହେବ । ତାହା ନ କଲେ ତୁମର ସମସ୍ତ ଅଧ୍ୟୟନ ସମୟର ଅପଚୟ ମାତ୍ର । ଯଦି ଖାଲି ସମୟ କାଟିବାକୁ କିଛି ପଢ଼ିବାକୁ ଚାହଁ, ତେବେ ସେ ସବୁ ସମୟ ସାଥିରେ ଚାଲିଯିବ । ତୁମ ପାଖରେ କିଛିହେଲେ ଅବଶେଷ ରହିବ ନାହିଁ ।